# ସୁସମ୍ବାଦ କାହାଣୀ ପୁସ୍ତିକା

## ଏକ





ଏହା ମୋର ଶୁଭ ସମ୍ବାଦ ବହି ଏକ

ମୋର ନାମ

______________________________

ମୁଁ ମୋର ସୁସମ୍ବାଦ କାହାଣୀ ବହି ଏକ ପଢି ପାରୁଛି

ଏହି କାହାଣୀଗୁଡିକ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ପବିତ୍ର ପୁସ୍ତକରୁ ନିଆଯାଇଅଛି ।
ଏହି କାହାଣୀ ବହିରେ ଥିବା ସମସ୍ତ ଚିତ୍ରାଙ୍କନ ଭାରତୀୟ ଜନଜାତି ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ।
ସୁସମ୍ବାଦ କାହାଣୀ ପୁସ୍ତିକାର ଏକ । କାର୍ଯ୍ୟକ୍ରମ ନିୟମାବଳୀ 2015 ସଂକଳନ । ଭାରତରେ ପ୍ରକାଶିତ । ଅଧିକ ଜାଣିବା ପାଇଁ: WBTC India, P.O. Box 8478, Bangalore 560084.
Email: info@wbtcindia.com କୁ ଯୋଗାଯୋଗ କରନ୍ତୁ ।







ସୃଷ୍ଟିକର୍ତ୍ତା ଈଶ୍ୱର..........................................2-9
ସବୁଠୁ ବଳବାନ.......................................10-13
ଅନ୍ଧକାରରେ ହଜିଗଲେ...............................14-24

# ସୃଷ୍ଟିକର୍ତ୍ତା ଈଶ୍ୱର

ମୁଁ ତାରାସବୁକୁ ଦେଖି ପାରୁଛି ।

ତାରାସବୁ ଗାଉଛନ୍ତି ।








ମୁଁ ପଶୁମାନଙ୍କୁ ଦେଖିପାରୁଛି ।

ପଶୁମାନେ ଗୀତ ଗାଉଛନ୍ତି ।



ମୁଁ ଆତ୍ମାମାନଙ୍କୁ ଦେଖିପାରୁଛି ।
ଆତ୍ମାମାନେ ଗାଉଛନ୍ତି ।







ମୁଁ ପ୍ରଥମ ପୁରୁଷ ଓ ନାରୀକୁ
ଦେଖି ପାରୁଛି ।
ପ୍ରଥମ ପୁରୁଷ ଓ ନାରୀ ଗାଉଛନ୍ତି ।

ସୃଷ୍ଟିକର୍ତ୍ତା ଈଶ୍ୱର ଏହିପରି
କହୁଥିବାର ମୁଁ ଶୁଣି ପାରୁଛି,
'ମୁଁ ତୁମକୁ ପ୍ରେମ କରେ !'
ମୁଁ ଗାଇବାକୁ ଆରମ୍ଭ କଲି ।








ସୃଷ୍ଟିକର୍ତ୍ତା ଈଶ୍ୱର ଏହିପରି କହୁଥିବାର
ମୁଁ ଶୁଣି ପାରୁଛି,
'ମୋର ସିଦ୍ଧ ଜଗତର
ଯତ୍ନ ନିଅ ।'





ସମସ୍ତ ସୃଷ୍ଟି ଗାଉଛନ୍ତି...ଗାଉଛନ୍ତି...
ଗାଉଛନ୍ତି ଏହା ମୁଁ ଶୁଣିପାରୁଛି ।







ସମସ୍ତେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ
ପ୍ରତି ଗାଉଛନ୍ତି ।
ସୃଷ୍ଟିକର୍ତ୍ତା ଈଶ୍ୱର ସମସ୍ତ
ସୃଷ୍ଟି କରିଛନ୍ତି ।

# ସବୁଠୁ ବଳବାନ

ମନ୍ଦ ଆତ୍ମା ଏପରି କହୁଥିବା
ମୁଁ ଶୁଣିପାରୁଛି,

'ମୁଁ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ପରି ହେବି ।'









ଉତ୍ତମ ଆତ୍ମାମାନେ ଏପରି
କହୁଥିବା ମୁଁ ଶୁଣିପାରୁଛି,
'ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ
ଉଦ୍ଦେଶ୍ୟରେ ଗାନ କର ।'



ମନ୍ଦ ଓ ଭଲ ଆତ୍ମାମାନେ ଯୁଦ୍ଧ
କରୁଥିବା ମୁଁ ଦେଖିପାରୁଛି ।
ଭଲ ଆତ୍ମାମାନେ ବିଜୟୀ ହେଉଛନ୍ତି ।







ମନ୍ଦ ଆତ୍ମା ଗୁଡିକ ତଳକୁ
ଖସିପଡୁଛନ୍ତି...ଖସିପଡୁଛନ୍ତି...
ଖସିପଡୁଛନ୍ତି ଏହା ମୁଁ ଦେଖିପାରୁଛି ।
'ସୃଷ୍ଟିକର୍ତ୍ତା ଈଶ୍ୱର
ସବୁଠୁ ବଳବାନ ଅଟନ୍ତି !'

# ଅନ୍ଧକାରରେ ହଜିଗଲେ

ମୁଁ ପ୍ରଥମ ପୁରୁଷ ଓ
ନାରୀକୁ ଦେଖି ପାରୁଛି ।
ସୃଷ୍ଟିକର୍ତ୍ତା ଈଶ୍ୱର ଏହିପରି
କହୁଥିବାର ମୁଁ ଶୁଣି ପାରୁଛି,
'ଭଲ ଓ ମନ୍ଦ ଦେଉଥିବା
ଗଛରୁ ଖାଅ ନାହିଁ ।'









ପ୍ରଥମ ପୁରୁଷ ଓ ନାରୀ ଶୁଣୁନାହାନ୍ତି...
ଶୁଣୁନାହାନ୍ତି...ଶୁଣୁନାହାନ୍ତି ।

ମନ୍ଦ ଆତ୍ମା ଏପରି କହୁଥିବା
ମୁଁ ଶୁଣିପାରୁଛି,
'ତୁମେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ
ପରି ହୋଇଯିବ ।
ଭଲ ଓ ମନ୍ଦ ଦେଉଥିବା
ଗଛରୁ ଖାଅ ।'








ପ୍ରଥମ ନାରୀ ଶୁଣୁଛନ୍ତି...ଶୁଣୁଛନ୍ତି...
ଶୁଣୁଛନ୍ତି ।

ପ୍ରଥମ ନାରୀ ଏପରି କହୁଥିବା
ମୁଁ ଶୁଣିପାରୁଛି,
'ମୁଁ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ପରି ହେବି ।
ମୁଁ ଭଲ ଓ ମନ୍ଦ ଦେଉଥିବା
ଗଛରୁ ଖାଇବି ।'







ପ୍ରଥମ ନାରୀ ଖାଉଛି...ଖାଉଛି...
ଖାଉଛି ।

ପ୍ରଥମ ପୁରୁଷ ଏପରି କହୁଥିବା
ମୁଁ ଶୁଣିପାରୁଛି,
'ମୁଁ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ପରି ହେବି ।
ମୁଁ ଭଲ ଓ ମନ୍ଦ ଦେଉଥିବା
ଗଛରୁ  ଖାଇବି ।'





ପ୍ରଥମ ପୁରୁଷ ଖାଉଛି...
ଖାଉଛି...ଖାଉଛି ।

ପ୍ରଥମ ପୁରୁଷ ଓ ନାରୀକୁ ଦେଖିବାପାଇଁ
ମୁଁ ଚେଷ୍ଟା କରୁଛି ।
ପ୍ରଥମ ପୁରୁଷ ଓ ନାରୀ ଲୁଚୁଛନ୍ତି ।








ସୃଷ୍ଟିକର୍ତ୍ତା ଈଶ୍ୱର ଏହିପରି
କହୁଥିବାର ମୁଁ ଶୁଣି ପାରୁଛି,
'ତଥାପି ମୁଁ ତୁମକୁ ପ୍ରେମ କରେ !'

‘ମୁଁ ତୁମକୁ ରକ୍ଷା କରିବି ।
ତୁମେ ମୋର ସନ୍ଧାନ ପାଇବ ।’
ସୃଷ୍ଟିକର୍ତ୍ତା ଈଶ୍ୱର ଆସୁଅଛନ୍ତି...

